# ଡାକ୍ତର, କର୍ମଚାରୀ ପଦବୀ ପୂରଣ ଉପରେ ଗୁରୁତ୍ୱ

## ଗୁଣପୁରରେ ରୋଗୀ କଲ୍ୟାଣ ସମିତି ବୈଠକ

ଗୁଣପୁର,୨୦।୧( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହକାରୀ ଜିଲାପାଳ ଦୀପ୍ତିରାଣୀ ବେହେରା, ସୁପରିଣ୍ଟେଣ୍ଡେଣ୍ଟ ଡ. ଶ୍ରୀକାନ୍ତ ଜେନା, ଡ. ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ଅମ୍ଳଜାନ ପ୍ଲାଣ୍ଟ କାର୍ଯ୍ୟକ୍ଷମ, ବ୍ଲଡ଼ ବ୍ୟାଙ୍କ ପାଇଁ ନୂତନ ଫ୍ରିଜ ସ୍ଥାପନ ଓ ରକ୍ତ ପରୀକ୍ଷା କେନ୍ଦ୍ରରେ ନୂତନ ମେଶିନ ସ୍ଥାପନ ବ୍ୟବସ୍ଥା ହୋଇସାରିଛି ବୋଲି କୁହାଯାଇଥିଲା। ଏଥିସହ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ଶବ ବ୍ୟବଚ୍ଛେଦ ସହ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ଶବାଗାର ନିର୍ମାଣ ପାଇଁ ପ୍ରସ୍ତାବ ମଞ୍ଜୁରି ହୋଇଥିବା ସୂଚନା ଦିଆଯାଇଥିଲା। ରୋଗୀଙ୍କୁ ବୁଲା କୁକୁର ଦାଉରୁ ରକ୍ଷା କରିବା ପାଇଁ ପ୍ରାଚୀର ନିର୍ମାଣ ଓ ଡ୍ରେନେଜ ସିଷ୍ଟମ, ଅଗ୍ନି ନିରାପତ୍ତା ସାମଗ୍ରୀ ସ୍ଥାପନ ପାଇଁ ଆଲୋଚନା ହୋଇ ପ୍ରସ୍ତାବ ଆଗତ କରାଯାଇଥିଲା । ଚିକିତ୍ସାଳୟରେ ଅଭାବ ରହିଥିବା ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ପୂରଣ ପାଇଁ ଆଲୋଚନା ହୋଇଥିଲା। ଚିକିତ୍ସାଳୟରେ ଶୃଙ୍ଖଳା ଦୃଷ୍ଟିରୁ ଡାକ୍ତର ଓ କର୍ମଚାରୀମାନେ ନିଜର ଆଇକାର୍ଡ ଓ ୟୁନିଫର୍ମ ପରିଧାନ କରି କର୍ମକ୍ଷେତ୍ରକୁ ଆସିବାକୁ ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା। ଅସ୍ତ୍ରୋପଚାର ଗୃହରେ ରକ୍ତପ୍ରବାହ କୁ ରୋକିବା ପାଇଁ ଆଧୁନିକ ମେଶିନ କ୍ରୟ କରିବାକୁ ପ୍ରସ୍ତାବ ପାରିତ ହୋଇଥିବା ବେଳେ ୫ଟି ଏସି ଓ ଗୋଟିଏ କମ୍ପ୍ୟୁଟର କ୍ରୟ କରିବା, ମରାମତି ଓ ତଦାରଖ ପାଇଁ ଓ ଆବଶ୍ୟକୀୟ କେମିକାଲ କ୍ରୟ କରିବା ପାଇଁ ଅର୍ଥ ରାଶି ମଞ୍ଜୁର କରାଯାଇଥିଲା। ଏଥି ସହ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୩ହଜାର ଘନ ଲିଟର ପାଣି ଟ୍ୟାଙ୍କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ନିରନ୍ତର ବିଦ୍ୟୁତ ସରବରାହ ସ୍ଥାପନ ପାଇଁ ଜିଇଡିର ପ୍ରସ୍ତାବ ଆଗତ ହେଲେ ଏହା ହୋଇପାରିବ ବୋଲି ବିଦ୍ୟୁତ୍ ବିଭାଗ କହିଥିଲା । ତେଣୁ ଏହି ପ୍ରସ୍ତାବ ଦେବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ରାୟଗଡ଼ା ଜିଲା ଲୋକପାଳ ଅକ୍ଷୟ କୁମାର ଦାସ, ଜନସ୍ୱାସ୍ଥ୍ୟ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ , ଜଗନ୍ନାଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆୟୁଷ ମେଡିକାଲ ଅଫିସର, ବିଦ୍ୟୁତ୍ ବିଭାଗ ଅଧିକାରୀ, କଂଗ୍ରେସ ନେତା ବିଜୟ କୁମାର ଗମାଙ୍ଗ, ତରଣି ସେନ ଶତପଥୀଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ ।



ବୈଠକରେ ବିଧାୟକଙ୍କ ସହ ପ୍ରଶାସନିକ ଅଧିକାରୀ ଏବଂ ଡାକ୍ତର ଆଲୋଚନା କରୁଛନ୍ତି।

# ଖଣି ଖାଦାନକୁ ବିରୋଧକରି ବ୍ୟାନର ମାରିଲେ ମାଓବାଦୀ

ରାୟଗଡ଼ା,୨୦।୧ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ତେଲେଙ୍ଗାପଦର ଛକ ନିକଟରେ ମାଓବାଦୀ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଖଣି ଖାଦାନକୁ ବିରୋଧକରି ମୁନିଗୁଡ଼ା ଥାନା ଅନ୍ତର୍ଗତ ତେଲେଙ୍ଗାପଦରଠାରୁ ଚନ୍ଦ୍ରପୁର ରାସ୍ତାରେ ଏହି ବ୍ୟାନର ଲାଗିଥିଲା। ବ୍ୟାନରରେ ରାୟଗଡା ଅଞ୍ଚଳ ବଂଶଧାରା ଘୁମୁସର ନାଗାବଳୀ (ବାଘୁନା) ଅଧୀନରେ ଆସୁଥିବାବେଳେ ଆନ୍ଧ୍ର ଓଡ଼ିଶା ସ୍ପେଶାଲ ଜୋନାଲ କମିଟି ଉଲ୍ଲେଖ ରହିଛି। ମୁନିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାନରକୁ ଜବତ କରିଛି । କିଛିଦିନର ନୀରବତା ପରେ ଏହି ବ୍ୟାନର ଲାଗିବା ପରେ ଅଞ୍ଚଳରେ ଏବେ ମାଓବାଦୀଙ୍କ ଉପସ୍ଥିତି ଥିବା ଅନୁମାନ କରାଯାଉଛି। ଅନ୍ୟପଟେ ବ୍ୟାନରକୁ ନେଇ ପୋଲିସ ଚିନ୍ତାରେ ପଡିଛି। ଏହି ବ୍ୟାନର ମାଓବାଦୀ ସମର୍ଥକ ଲଗାଇଥିବା ପୋଲିସ ଅନୁମାନ କରୁଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି।


ତେଲେଙ୍ଗାପଦର ଛକ ନିକଟରେ ଲଗାଯାଇଥିବା ମାଓବାଦୀ ବ୍ୟାନର।

# ମହିମା ଗନ୍ତାୟତଙ୍କୁ 'ଭାରତ କବି ରତ୍ନ' ପୁରସ୍କାର

ରାୟଗଡ଼ା,୨୦।୧(ଆଶିଷ ରଞ୍ଜନ ପଣ୍ଡା)

ଯୁବ ଲେଖିକା ଭାବେ ନିଜ ସୃଜନଶୀଳ ଉତ୍କର୍ଷ ପାଇଁ ଜଣାଶୁଣା ରାୟଗଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀ ମହିମା ଗନ୍ତାୟତଙ୍କୁ ଦିଲ୍ଲୀସ୍ଥିତ 'ଦି ବ୍ଲୁ ଷ୍ଟାର ପ୍ରକାଶନ'ର ପ୍ରତିଷ୍ଠିତ 'ଭାରତ କବି ରତ୍ନ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପାଇଁ ଗତ ନଭେମ୍ବର ୨୦୨୫ରେ ସୃଜନଶୀଳ ସ୍ରଷ୍ଟାଙ୍କଠାରୁ ସେମାନଙ୍କ ବହୁଭାଷୀ ଏବଂ ବିବିଧ ସୃଜନଶୀଳ ଲେଖା ଆହ୍ୱାନ କରାଯାଇଥିଲା। ଦେଶବ୍ୟାପୀ ଏକ ପ୍ରତିଯୋଗିତା ଆୟୋଜନ ହୋଇଥିବାବେଳେ ମହିମା ନିଜ ଲିଖିତ 'ଦି ରିଅଲ ଭିକ୍ଟୋରି' ଶୀର୍ଷକ ଇଂଲିଶ ଗପ ଦାଖଲ ପୂର୍ବକ ଅଂଶଗ୍ରହଣ କରିଥିଲେ। ଯାହା ଆଜି ତଙ୍କୁ ପ୍ରତିଷ୍ଠିତ ଭାରତ କବି ରତ୍ନ ପୁରସ୍କାର ପାଇଁ ବିଜେତା ଭାବରେ ବିବେଚିତ କରିପାରିଛି। ଅଧ୍ୟୟନ ସହ ସମତାଳରେ ସୃଜନଶୀଳ ସାହିତ୍ୟ ସାଧନମଗ୍ନା ରହି ଆସୁଥିବା ମହିମା ଦେଶର ଅନେକ ଡିଜିଟାଲ, ସାମାଜିକ ଏବଂ ମୁଦ୍ରିତ ଗଣମାଧମରେ ବ୍ୟାପକ ଭାବରେ ପ୍ରକାଶିତ ହୋଇଆସୁଛି। ମହିମା ଜଣାଶୁଣା ଓଡ଼ିଆ କବି ଓ ସ୍ତମ୍ଭକାର ସତ୍ୟନାରାୟଣ ଗନ୍ତାୟତଙ୍କ ସାନ ଝିଅ, ଓଡ଼ିଆ ଲେଖକ ଗନ୍ତାୟତ ଶିବପ୍ରସାଦ ଏବଂ ଦିବଙ୍ଗତା କବୟିତ୍ରୀ ନିର୍ମଳା ଗନ୍ତାୟତଙ୍କ ଝିଆରୀ । ତାଙ୍କର ଏହି ସଫଳତାକୁ ସେ ତାଙ୍କ ପାଠକବର୍ଗ, ଶୁଭେଚ୍ଛୁ, ଶିକ୍ଷକ ଏବଂ ପରିବାର ପରିଜନଙ୍କୁ ଉତ୍ସର୍ଗ କରିଛନ୍ତି।



ପୁରସ୍କାର ସହ ମହିମା ଗନ୍ତାୟତ।

# ଭାଜପା ଗଡ଼ରେ କଂଗ୍ରେସର ମିଶ୍ରଣ ପର୍ବ


ବିଧାୟକ ନୀଳମାଧବ ହିକକା ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରୁଛନ୍ତି।

କଲ୍ୟାଣସିଂହପୁର,୨୦।୧ (ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକର ଭାଜପା ଗଡ ଭାବେ ପରିଚିତ କରପା ପଞ୍ଚାୟତର ଇରିପୀପୁଟ ଗ୍ରାମରେ ମଙ୍ଗଳବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମିଶ୍ରଣ ପର୍ବରେ ଭାଜପା, ବିଜେଡି, ବିଏସ୍‌ପିରୁ ବହୁ କର୍ମୀ ଦଳ ଛାଡି ଆନୁଷ୍ଠାନିକ ଭାବେ କଂଗ୍ରେସରେ ସାମିଲ ହୋଇଥିଲେ। ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ନୂଆ କର୍ମକର୍ତ୍ତାଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କଂଗ୍ରେସ ଦଳର ନୀତି, ଆଦର୍ଶ ଓ ଲୋକମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକ ମତପ୍ରକାଶ କରିଥିଲେ। ଦଳକୁ ଶକ୍ତିଶାଳୀ କରିବାକୁ ଗ୍ରାମସ୍ତରରୁ କର୍ମୀମାନେ ଏକତ୍ରିତ ହେବା ଆବଶ୍ୟକ ବୋଲି ସେ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, କଲ୍ୟାଣସିଂହପୁର ବ୍ଲକ୍ କଂଗ୍ରେସ ସଭାପତି ଚିନ୍ତାଳି ନାଗେଶ୍ୱର ରାଓ, ଶଙ୍କର୍ଷଣ ମଙ୍ଗରାଜ ଓ ଜିଲା ଏମ୍‌ପି ପ୍ରତିନିଧି ସୁନୀଲ କୁମାର ପଣ୍ଡା, ମୁନିଗୁଡା ବ୍ଲକ ସଭାପତି ନୀଳାମ୍ବର ବିଭର, ମୁନିଗୁଡା ଏମ୍‌ପି ପ୍ରତିନିଧି ମାନସ ବେହେରା, ପ୍ରଶାନ୍ତ ନନ୍ଦ କୌଶଲ୍ୟା, କୁମାରୀ ସ୍ୱାମୀ କୌଶଲ୍ୟା, ଲୋଦ ଶିକକା, ଆପୁଲସ୍ୱାମୀ କୌଶଲ୍ୟା,ବରିଷ୍ଠ କଂଗ୍ରେସ ନେତା ସିରିପତି କାଡ୍ରାକା, ଜଗନ୍ନାଥ ବିଭର ପ୍ରମୁଖ ଉପସ୍ଥିତ ରହି କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ ସମସ୍ତ କର୍ମୀ ଉପସ୍ଥିତ ରହିଥିଲେ ।

# ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ସାମୂହିକ ଗାନ

ଗୁଣପୁର,୨୦।୧ (ସୁଜାତା ପାଢ଼ୀ)

ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାୟଗଡ଼ା ଜିଲା ଗୁଣପୁର ପଞ୍ଚାୟତ ସମିତି ପରିସରରେ ମଙ୍ଗଳବାର ସାମୂହିକ ଭାବେ ରାଷ୍ଟ୍ରଗୀତ ଗାନ କରାଯାଇଥିଲା। ଗୁଣୁପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସୁଦର୍ଶନ ଶବର ଯୋଗ ଦେଇଥିଲେ। ପଞ୍ଚାୟତ ସମିତିସ୍ତରରେ ଅନୁଷ୍ଠିତ ପ୍ରବନ୍ଧ ଲିଖନ, ବକ୍ତୃତା, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହ ଅବସରରେ ଡ଼ମ୍ବସରା ବାଳିକା ଉଚ୍ଚ ବିଦ୍ୟାଳୟ, ମହାତ୍ମାଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବନ୍ଦେ ମାତରଂ ଗୀତର ପ୍ରଶିକ୍ଷକ ଏମ୍ .କେଶବ ରାଓ, ଶେଷସାୟୀ ସେନାପତି, କମଳାକାନ୍ତ ଖୁଣ୍ଟିଆ ଗୀତର ଭାବାର୍ଥ ବୁଝାଇ ଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶ୍ୱେତାଶ୍ରୀ ବାରିକ, ଯୋଗାଣ ନିରୀକ୍ଷକ ନିଖିଳ ମୋହନ ବସ୍ତିଆଙ୍କ ସମେତ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ, ମହାତ୍ମାଗାନ୍ଧୀ ପବ୍ଲିକ ସ୍କୁଲ, ମରାଠିଗୁଡା ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟ, ଡ଼ମ୍ବସର ଉଚ୍ଚ ବାଳିକା ବିଦ୍ୟାଳୟ, ଡ଼ମ୍ବସରା ଉଚ୍ଚ ମାଧମିକ ବିଦ୍ୟାଳୟ, ଚିନାସାରି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇ ସାମୂହିକ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀ ଅନନ୍ତ ପାତ୍ର ସଂଯୋଜନା କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ସାମୂହିକ ଭାବେ ଗାନ କରାଯାଉଛି।

# ମୁକୁଳା ଡ୍ରେନ୍‌କୁ ନେଇ ଲୋକେ ଭୟଭୀତ

ଗୁଣୁପୁର,୨୦।୧(ସଂକେତ ପାତ୍ର)

ଗୁଣପୁର ସହରର ଲାଡ଼ି ବାଙ୍କିଚେଟି ନଗର ଲେନ-୧ ର ଆରମ୍ଭରେ ଜନ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରାଯାଇଥିବା ପାଇପ ଓ ଡ୍ରେନ୍ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଡ୍ରେନ୍ ଉପରେ ଠିକ୍ ଭାବେ ଢାକୁଣି ଦିଆଯାଇ ନ ଥିବାରୁ ଲୋକେ ଅତି ସତର୍କତାର ସହ ଯାଆୟାତ କରୁଛନ୍ତି। ଏହି ମୁକୁଳା ଡ୍ରେନ୍ ବହୁତ ଗଭୀର ରହିଥିବାବେଳେ ଲୁହା ରଡ଼ ବାହାରକୁ ବାହାରିଛି। ଅସାବଧାନତାବଶତଃ ମଣିଷ କିମ୍ବା ଗାଈଗୋରୁ ଏହି ମୁକୁଳା ଡ୍ରେନ୍‌ରେ ପଡ଼ିଗଲେ ଜୀବନହାନୀ ହେବା ଆଶଙ୍କା ଦେଖାଦେଇଛି। ବିଶେଷକରି ରାତି ସମୟରେ ଦୁର୍ଘଟଣାର ସମ୍ଭାବନା ବଢ଼ୁଛି। ଏ ସମ୍ପର୍କରେ ଜନ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଡ୍ରେନ୍ ଉପରେ କଂକ୍ରିଟ୍ ଢ଼ାକୁଣି ପକାଇବା ସହ ବାହାରକୁ ବାହାରିଥିବା ଲୁହାରଡ଼କୁ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ମୁକୁଳା ପଡ଼ିଥିବା ଡ୍ରେନ୍।

# ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଗୁଣୁପୁର,୨୦।୧(ସଂକେତ ପାତ୍ର)

ଗୁଣୁପୁର ମ୍ୟୁନିସିପାଲିଟି ପକ୍ଷରୁ ନୂତନ ହିତାଧିକାରୀଙ୍କୁ ପେନସନ ବଣ୍ଟନ କରାଯାଇଛି। ଗୁଣୁପୁର ମ୍ୟୁନିସିପାଲିଟିରେ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ହସ୍ତକ୍ଷେପ ପରେ କାଗଜପତ୍ର କିମ୍ବା ପରିଚୟପତ୍ର ସମସ୍ୟାରେ ଅଟକିଥିବା ଯୋଗ୍ୟ ବୃଦ୍ଧାବୃଦ୍ଧଙ୍କ ସମସ୍ୟା ସମାଧାନ ହୋଇ ପେନସନ ମଞ୍ଜୁର ହୋଇଛି। ବୃଦ୍ଧାବସ୍ଥାରେ ଜୀବନଯାପନ ପାଇଁ ଭତ୍ତା ଟଙ୍କା ଅତ୍ୟନ୍ତ ଆବଶ୍ୟକ ବୋଲି ହିତାଧିକାରୀମାନେ କହିଛନ୍ତି। ଏହି ଅବସରରେ ଗୁଣୁପୁର ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ କହିଛନ୍ତି, ଯୋଗ୍ୟ ନାଗରିକ ନିଜ ଅଧିକାର ପାଇବାରେ ମ୍ୟୁନିସିପାଲିଟି ସଦା ସହଯୋଗ କରିବ। ବୃଦ୍ଧାବୃଦ୍ଧମାନେ ଗୁଣୁପୁର ମ୍ୟୁନିସିପାଲିଟିର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

# ବାଇକ୍ ପୋଡ଼ି ମାମଲା, ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

ରାୟଗଡ଼ା,୨୦।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଟିକିରି ଥାନାରେ ୨୦୨୩ ମସିହାରେ ହୋଇଥିବା ଏକ ମାମଲାର ଶୁଣାଣିକରି ଅତିରିକ୍ତ ଜିଲା ଦୌରାଜଜ୍ ଅଞ୍ଜନା ସ୍ୱାଇଁ ଦୋଷୀଙ୍କୁ ୫ବର୍ଷ ଜେଲଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ମାସ ଜେଲ ଦଣ୍ଡାଦେଶ ପାଇଁ ଜଜ୍ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ, ୨୦୨୩ ମାର୍ଚ୍ଚ ୫ ତାରିଖରେ ନୀତେଶ ଯାଦବ ନାମକ ଜଣେ ବ୍ୟକ୍ତି ଅଭିଯୋଗକାରୀଙ୍କ ଘର ପରିସରରେ ପଶି ଘରେ ଥିବା ମୋଟରସାଇକେଲରେ ନିଆଁ ଲଗାଇ ଦେଇଥିଲେ । ଏ ନେଇ ଅଭିଯୋଗକାରୀ ଟିକିରି ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନଂ. ୩୯/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ନୀତେଶ ଯାଦବଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଆଇନଜୀବୀ ରାମପ୍ରସାଦ ପାତ୍ର ଏବଂ ରଜତ ରଞ୍ଜନ ଖଟୁଆ ପରିଚାଳନା କରିଥିଲେ ।

# ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ

ଗୁଡାରି,୨୦।୧ (ପ୍ରମୋଦ କୁମାର ପତି)

ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଗୁଡାରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ନୂତନ କଲ୍ୟାଣ ମଣ୍ଡପଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷା ସରମିତା ଶବର ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ କିରନ ନନ୍ଦ, ରଘୁନାଥ ପାଣିଗ୍ରାହୀ, ପ୍ରଣବକଲ୍ପ ପଟ୍ଟନାୟକ ମଞ୍ଚସୀନ ଥିଲେ। ସମସ୍ତ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର, କର୍ମଚାରୀ, ସାଧାରଣ ଜନତା ସାମୂହିକ ବନ୍ଦେ ମାତରମ୍ ଗାନ କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ଦେ ମାତରମ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଦିଲୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗଞ୍ଜାମର ବାଳିକା, ବାଳକ ଦଳ ବିଜୟୀ

## ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

ବିଷମ କଟକ,୨୦।୧(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ବିଷମକଟକ ମିନି ଷ୍ଟାଡିୟମଠାରେ ଗତ ୩ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନ-୨୦୨୬ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଗଞ୍ଜାମ ଜିଲାର ବାଳକ ଦଳ ଏବଂ ପୁରୀ ଦଳ, ବାଳିକା ବର୍ଗରେ ଗଞ୍ଜାମ ଏବଂ ଜଗତ୍‌ସିଂହପୁର ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ଦୁଇଟି ବର୍ଗରେ ଗଞ୍ଜାମର ଖେଳାଳିମାନେ ବିଜୟୀ ହୋଇଛନ୍ତି। ରାୟଗଡା ଜିଲା ଭାଜପା ସଭାପତି ଗୋପି ଆନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଏବଂ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବେଦାନ୍ତ ଆଲୁମିନାର ଭଗବାନ ହୋତା ଏବଂ କିରଣ କିଶୋର ପଟ୍ଟନାୟକ, ଭାଜପା ଜିଲା ଉପସଭାପତି ଦୁର୍ଯ୍ୟୋଧନ ପାଳ, ଗୌତମ ଉର୍ଲାକା, ମଣ୍ଡଳ ସଭାପତି ସମୋନାଥ ହିକକା, ଅନୀଲ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ରାୟଗଡା ଜିଲା ସଂଘ ସମ୍ପାଦକ ଶୁଭେନ୍ଦୁ ନାରାୟଣ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଆୟୋଜିତ ହୋଇଥିବା ବେଳେ ବିଷମକଟକର ଅନ୍ୟ ସଦସ୍ୟ ଏବଂ ବିଭିନ୍ନ ବର୍ଗର ଖେଳାଳି ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ମେଡିକାଲ ଟିମ୍ ଏବଂ ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ଖେଳ ପଡିଆରେ ପୋଲିସ ମୁତୟନ କରାଯାଇଥିଲା।

# ଆଜିଠୁ ବଂଶଧାରା ବସନ୍ତ ମହୋତ୍ସବ

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କରି ଆରମ୍ଭ ହେବ

ଗୁଣପୁର,୨୦।୧(ସୁଜାତା ପାଢ଼ୀ)

ସାମାଜିକ କ୍ଷେତ୍ରରେ ଅବଦାନ ତଥା ଭାଇଚାରା ବଞ୍ଚାଇବା ଦିଗରେ ଜୀବନବ୍ୟାପୀ କର୍ମରତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତକରି ବୁଧବାରଠାରୁ ଚଳିତବର୍ଷର ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଆରମ୍ଭ କରାଯିବ । ଉତ୍ସବ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଶେଷ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗୁଣପୁରଠାରେ ହେବାକୁ ଥିବା ଏହି ମହୋତ୍ସବ ପାଇଁ ବାଘୁଆ ଦେଉଳ ପଛପଟ ଉତ୍ସବ ପଡିଆଠାରେ ଅନୁଷ୍ଠିତ ବୈଠକରେ ସମସ୍ତ କାର୍ଯ୍ୟ ଅଗ୍ରଗତି ନେଇ ନବନିର୍ମାଣ ସମିତି ସମ୍ପାଦକ ରଞ୍ଜିତ ପାଢ଼ୀ ସୂଚନା ଦେଇଥିଲେ।

ସମିତିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୁଧବାର ସକାଳୁ ଗୁଣପୁର କଲେଜରୁ ଉତ୍ସବ ପଡିଆ ଯାଏଁ ମାରାଥାନ, ସନ୍ଧ୍ୟାରେ ବଂଶଧାରା ନଦୀରୁ ଗଙ୍ଗା ଆବାହନ ପରେ ୨୧ ଓ ୨୨ ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ। ୨୩ରେ ରାମନାଗୁଡା ବ୍ଲକ ଲୌଗୁଡା ମାତାରବନମ ପୀଠରୁ ଆଜ୍ଞାମାଳ ଆଣି ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ସହ ଏକ ଭବ୍ୟ କଳସ ଯାତ୍ରା ସହର ପରିକ୍ରମା କରି ଉତ୍ସବ ପଡିଆକୁ ପହଞ୍ଚିବ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଉତ୍ସବକୁ ଉତ୍ସର୍ଗ କରାଯାଉଥିବାରୁ ଶ୍ରଦ୍ଧାଞ୍ଜଳି ମଣ୍ଡପରେ ତାଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ମଣ୍ଡପ ହେବ। ସେହିପରି ଜନଜାତିଙ୍କ କଳା ସଂସ୍କୃତିକୁ ନେଇ ସ୍ୱତନ୍ତ୍ର ଭାବେ ପ୍ରଦର୍ଶନୀ ବ୍ୟବସ୍ଥା କରାଯାଇଛି। ୨୩ରୁ ସାର୍ବଜନୀନ ସ୍ୱରସ୍ୱତୀ ପୂଜା ଅନୁଷ୍ଠିତ ହେବ । ମଞ୍ଚରେ ଗଙ୍ଗା ଆରତି କରାଯିବ ବୋଲି ଜଣାପଡିଛି। ଶୃଙ୍ଖଳାଦୃଷ୍ଟିରୁ ପାସ୍ ବ୍ୟବସ୍ଥା ହୋଇଥିବା ବେଳେ ଏଥର ସମ୍ବଲପୁରୀ, ତେଲୁଗୁ, ଓଡ଼ିଆ, ହିନ୍ଦୀ ତଥା ଜନଜାତି କଳାକାରଙ୍କୁ ନେଇ ମଞ୍ଚ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ବଂଶଧାରା ସ୍ମରଣିକାର ଉନ୍ମୋଚନ ସହ ୨୫ ତାରିଖରେ କବି ସମ୍ମିଳନୀ କରିବା ନେଇ ସୂଚନା ଦିଆଯାଇଛି। କ୍ରୀଡାର ଅଗ୍ରଗତି ସମ୍ପର୍କରେ ସପନ ଦାସ ସୂଚନା ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଡ. ପ୍ରଶାନ୍ତ ହୋତା, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମ୍ପର୍କରେ ତ୍ରିପତି ମହାନ୍ତି, ଜନଜାତି କାର୍ଯ୍ୟକ୍ରମ ସମ୍ପର୍କରେ କୃଷ୍ଣ ଶବର, ଫାଲ୍‌ଗୁନୀ ଶବର, ଲକ୍ଷ୍ମଣ ଶବର, ସରକାରୀ ଅନୁମତି ସମ୍ପର୍କରେ ରବି କୁମାର ଓ ସାହିତ୍ୟ କମିଟି ତରଫରୁ ଅଶ୍ୱିନୀ ତ୍ରିପାଠୀ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତଥା ପୌର ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, କୈଳାସ ଦାସ ଓ ରମେଶ ଲିମା, ସମ୍ପାଦକ ତଥା ବ୍ଲକ ଉପାଧ୍ୟକ୍ଷ ଶୁଦର୍ଶନ ଶବର, ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ସୁରେଶ ପାଢ଼ୀ, ରାଧାକୃଷ୍ଣ ପଟ୍ଟନାୟକ, କାଉନସିଲର ପ୍ରମୋଦ ଦାସ, ପୂର୍ଣ୍ଣ ବାଉରୀ, ଦୁର୍ଗା ଶତପଥୀ, ପ୍ରମୋଦ ସାହୁ, ରମେଶ ଶତପଥୀ, ଭେଙ୍କେଟି ମିଶ୍ର, ବୁଲୁ ପାଢ଼ୀ, ଜୟଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# 'ସକାରାତ୍ମକ ଚିନ୍ତାଧାରା, ନୂତନ ଆବିଷ୍କାର ନେଇ ଆଗକୁ ବଢ଼'

**ନବରଙ୍ଗପୁର ଜିଲାସ୍ତରୀୟ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ**

■ ମନମୋହିଲା ଛାତ୍ରୀଛାତ୍ରଙ୍କ ମଡେଲ ୟୁନାଇଟେଡ୍ ନେଶନ କାର୍ଯ୍ୟକ୍ରମ



ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଏକ ଷ୍ଟଲକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ନବରଙ୍ଗପୁର,୨୦।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାସ୍ତରୀୟ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ମଙ୍ଗଳବାର ସ୍ଥାନୀୟ ପିଏମ୍‌ଶ୍ରୀ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆବାହକ ଡିଇଓ ଛତ୍ରପତି ସାହୁ ସ୍ୱାଗତ ଭାଷଣ ଓ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ପଞ୍ଚସଖା ଶିକ୍ଷାସେତୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଦାସ, ଏଡିଇଓ ପ୍ରକାଶ ଚନ୍ଦ୍ର ମହାଲିକ, ଶ୍ରୀକାନ୍ତ ଜାନୀ ଓ ସୁପ୍ରିୟା ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଫଳତା ପାଇଁ ଅନବରତ ଚେଷ୍ଟା ଜାରି ରଖିବାକୁ ଡିଇଓ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଭାରତକୁ ବିଶ୍ୱଗୁରୁ କରିବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବା ପାଇଁ ନବରଙ୍ଗପୁର ବିଧାୟକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସକାରାତ୍ମକ ଚିନ୍ତାଧାରା ଓ ନୂତନ ଆବିଷ୍କାର ନେଇ ନିରନ୍ତର ଆଗକୁ ବଢ଼ିବାକୁ ମୁଖ୍ୟ ଅତିଥି ଗଣ୍ଡ ଉପଦେଶ ଦେଇଥିଲେ। ନବରଙ୍ଗପୁର ଏଡିଇଓ ପ୍ରକାଶ ଚନ୍ଦ୍ର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାରେ ଥିବା ୨୩ ପିଏମ ଶ୍ରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକାଂକ୍ଷୀ ଛାତ୍ର ପରିଷଦ ଟ୍ୟାଲେଣ୍ଟ ଗ୍ୟାଲେରି ପ୍ରଦର୍ଶିତ ହୋଇଛି। ଏଥିରେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ, କ୍ରୀଡ଼ାଙ୍ଗନ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ଇକୋ କ୍ଲବ ପ୍ରଦର୍ଶନୀ, ଇନ୍‌ସ୍ପାୟାରିଂ ଓଡ଼ିଶା ୨୦୩୬, ସକ୍ଷମ କେନ୍ଦ୍ର, ଲାଙ୍ଗୁଏଜ ଲାବ୍, ଫୁଡ୍‌କୋର୍ଟ, ମଡେଲ ୟୁନାଇଟେଡ୍ ନେଶନ ଏବଂ ବିଭିନ୍ନ ବିକାଶ ପ୍ରକଳ୍ପ ପ୍ରଦର୍ଶନୀ ପ୍ରଦର୍ଶିତ କରାଯାଇଥିଲା। ଅତିଥିମାନେ ଷ୍ଟଲ ବୁଲି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସଚେତନାମୂଳକ ବିଷୟବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘୋଷିକା ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

# ବନ କର୍ମଚାରୀଙ୍କ ବାଇକ୍ ପୋଡ଼ି

**ଜଙ୍ଗଲ ବାହାରେ ଗାଡ଼ିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ**


ଜଳିଯାଇଥିବା ବାଇକ୍।

ପାପଡ଼ାହାଣ୍ଡି/ମଇଦଲପୁର, ୨୦।୧ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ବାହାରେ ବାଇକ୍ ରଖି ଜଙ୍ଗଲ ଜଗିବାକୁ ଯାଇଥିଲେ ବନ ବିଭାଗ କର୍ମଚାରୀ। କିନ୍ତୁ କେହି ଦୁର୍ବୃତ୍ତ ସେମାନଙ୍କ ବାଇକ୍‌ରେ ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ମଙ୍ଗଳବାର ନବରଙ୍ଗପୁର ଜିଲା ମଇଦଲପୁର ଥାନା ଅଞ୍ଚଳ ଡାବୁଗାଁ ରେଞ୍ଜ ମୈଦଲପୁର ବନାଞ୍ଚଳରେ ଲହି ଘଟଣା ସାମ୍ନାକୁ ଆସିଛି। କିଏ କ'ଣ ପାଇଁ ଏପରି କାଣ୍ଡ ଘଟାଇଛନ୍ତି ତାହାର ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ପୋଲିସ ଓ ବନପାଳ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ମଙ୍ଗଳବାର ସକାଳ ୧୦ଟା ୩୦ରେ ମୈଦଲପୁର ବନାଞ୍ଚଳ ଅଧୀନ ଜଙ୍ଗଲରେ କାର୍ଯ୍ୟରତ ୩ ଜଗୁଆଳି କ୍ଷୀରସିନ୍ଧୁ ଯାନୀ, ଗଜେନ୍ଦ୍ର ଯାନୀ ଓ ସୁରେନ୍ଦ୍ର ଅଗ୍ରିଆ ଜଙ୍ଗଲକୁ ଯାଇଥିଲେ। ସେମାନେ ବାହାରେ ରଖି ଯାଇଥିବା ବାଇକ୍‌କୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ୩ ବାଇକ୍ ମଧ୍ୟରୁ ଗୋଟିଏ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଅନ୍ୟ ୨ଟି ବାଇକ୍ ଅଳ୍ପ ଜଳିଥିବା ସମୟରେ ସେମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ବନପାଳ ମଧୁସୂଦନ ପାତ୍ର ଘଟଣାସ୍ଥଳରେ ପହଞ୍ଚି ମୈଦଲପୁର ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୈଦଲପୁର ଅଞ୍ଚଳରେ ଦିନକୁ ଦିନ ବାଇକ ଚୋରି ବଢୁଛି। ଏବେ ବାଇକ୍‌ରେ ନିଆଁ ଲଗାଇବା ଘଟଣା ସାମ୍ନାକୁ ଆସିବା ପରେ ଭୟର ବାତାବରଣ ଥିବା ଅଞ୍ଚଳବାସୀ କହିଛନ୍ତି। ପୋଲିସ ଦୁର୍ବୃତ୍ତଙ୍କୁ ଶୀଘ୍ର ଧରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଜୟପୁର,୨୦।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ୧୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ମଙ୍ଗଳବାର ଜୟପୁର ବିଇଓ ଚନ୍ଦନ କୁମାର ନାୟକ ଉଦଘାଟନ କରିଛନ୍ତି। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନରେଶ ଷଡ଼ଙ୍ଗୀ, ବିଦ୍ୟାଳୟର ଆଲୁମିନି ପ୍ରକାଶ ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ପୁରୁଣାଗଡ଼ସ୍ଥିତ ହନୁମାନ ମନ୍ଦିରରୁ କ୍ରୀଡ଼ା ମଶାଲ ଅଣାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ସୁବର୍ଣ୍ଣ ଖିଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ ଥ୍ରୋ ପ୍ରତିଯୋଗିତା କରାଯାଇଥିଲା। ବାର୍ଷିକ ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାକୁ ସୂଚନା ମିଳିଛି।

# ପରିବେଶ ପାଇଁ ଜୀବନଶୈଳୀ ସମ୍ପର୍କିତ ପ୍ରଦର୍ଶନୀ

ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ପରିବେଶ ପାଇଁ ଜୀବନ ଶୈଳୀ ଉପରେ ବ୍ଲକସ୍ତରୀୟ ପ୍ରଦର୍ଶନୀ ମଙ୍ଗଳବାର କରାଯାଇଛି। ବିଇଓ ରଶ୍ମିତା ନେତାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସ୍ୱତନ୍ତ୍ର ଅତିଥିଭାବେ ଡଙ୍ଗରିଗୁଡ଼ା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ସୁବ୍ରତ ରଞ୍ଜନ ସାମନ୍ତରାୟ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ପ୍ରଦର୍ଶନୀର ବ୍ଲକ ସଂଯୋଜକ ତଥା ପ୍ରଧାନଶିକ୍ଷକ ଗୌତମ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ୧୦ ହାଇସ୍କୁଲରୁ ୩୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଜଳ ସଞ୍ଚୟ, ଶକ୍ତି ସଞ୍ଚୟ, ଅପଚୟ ହ୍ରାସ, ଇ- ଆବର୍ଜନା ହ୍ରାସ, ଏକକ ବ୍ୟବହାର ପ୍ଲାଷ୍ଟିକକୁ ନା, ସୁସ୍ଥ ଜୀବନ ଶୈଳୀ ଓ ସ୍ଥାୟୀ ଖାଦ୍ୟ ପ୍ରଣାଳୀକୁ ଆଧାର କରି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ରଶ୍ମିତା ପାଢୀ, ଝରିଗାଁ ଆଦର୍ଶ ବିଦ୍ୟାଳୟ ଅଧ୍ୟାପକ ସରୋଜ ଦଣ୍ଡପାଟ ଏବଂ ପ୍ରଭାତ ବିଶି ବିଚାରକ ଦାୟିତ୍ୱ ତୁଲାଇଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମାଝୀ ତଦାରଖ କାର୍ଯ୍ୟ ତୁଲାଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରୀଶବାଳା ଜେନା, ଗୀତାଞ୍ଜଳି ବସ୍ତିଆ, ହେମନ୍ତ କୁମାର ପଣ୍ଡା, ହେମେନ୍ଦ୍ର ନାଥ ବେହେରା, ପ୍ରସନ୍ନ କୁମାର ଦଣ୍ଡସେନା, ଧନଞ୍ଜୟ ବଡ଼ଜେନା, ଶିକ୍ଷକ ଜଗନ୍ନାଥ ରାଓ, ଲକ୍ଷ୍ମୀକାନ୍ତ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତେ ପ୍ରସାଦ ନାଗ ମଞ୍ଚ ପରିଚାଳନା କରିଥିଲେ।

# ୨ ବାଇକ୍ ମୁହାଁମୁହିଁ, ଯୁବକ ଗୁରୁତର

ନନ୍ଦପୁର/ପାଡୁଆ, ୨୦।୧ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଡେଲ- ଅତଣ୍ଡା ଆରଡି ରାସ୍ତାରେ ମଙ୍ଗଳବାର ସନ୍ଧ୍ୟା ୮ଟାରେ ୨ ବାଇକ୍ ମୁହାଁମୁହିଁ ହୋଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବିଲାପୁଟ ଗ୍ରାମର ସୀତାରାମ ଖଡ଼ା। ସୂଚନା ପାଇ ନନ୍ଦପୁର ଅଗ୍ନିଶମ ବାହିନୀ ଏଏସ୍‌ଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଦଳ ସେଠାରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ପାଡୁଆ ପୋଲିସକୁ ସୂଚନା ଦିଆଯାଇଛି।

# ଜବତ ଗାଡ଼ିର ପଞ୍ଜୀକରଣ ନଂ. ଆଧାରରେ ଧରାପଡ଼ିଲେ ଅଭିଯୁକ୍ତ

ନନ୍ଦାହାଣ୍ଡି, ୨୦।୧ (ପ୍ରତୀପ କୁମାର ଦାଶ)

ଚାଲିଥିଲା ଜୁଆଖେଳ। ଚଢ଼ାଉ କଲା ପୋଲିସ। ଘଟଣାସ୍ଥଳରୁ କିନ୍ତୁ ଫେରାର ହେବାରେ ସଫଳ ହୋଇଥିଲେ ଜୁଆ ଖେଳୁଥିବା ଦୁର୍ବୃତ୍ତମାନେ। ସେଠାରୁ ପୋଲିସ କାହାରିକୁ ଗିରଫ କରି ନ ପାରି ନିରାଶ ହୋଇ ଫେରିବା ସହ ଘଟଣାସ୍ଥଳରୁ ବ୧୨ ଟା ବାଇକ୍ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲା। ଉକ୍ତ ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେଶନ ନମ୍ବର ଆଦିରୁ ସମସ୍ତ ବାଇକ୍ ମାଲିକଙ୍କ ତଥ୍ୟ ସଂଗ୍ରହ ପରେ ମଙ୍ଗଳବାର ସେମାନଙ୍କୁ ଗିରଫ କରାଯାଇଛି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଅଧୀନ ରସିଆଗୁଡ଼ା ଗ୍ରାମ ନିକଟସ୍ଥ ଏକ ପାହାଡ଼ ଉପରେ ତେନ୍ତୁଳିଖୁଣ୍ଟି ପୋଲିସ ସୋମବାର ଚଢ଼ାଉ କରିଥିଲା। କିଛି ଦିନ ଧରି ଉକ୍ତ ସ୍ଥାନରେ ଜୁଆ ଖେଳ ଚାଲି ଆସୁଥିବା ପୋଲିସ ଖବରପାଇଥିଲା। ଉକ୍ତ ସୂଚନା ଆଧାରରେ ପୁଲିସ ସେଠାରେ ସୋମବାର ସନ୍ଧ୍ୟାରେ ଧରପଗଡ ଆରମ୍ଭ କରିଥିଲା। ଚଢ଼ାଉର ପ୍ରାକ ସୂଚନା ପାଇ ଜୁଆଡିମାନେ ଚମ୍ପଟ ମାରିଥିଲେ। ସେଠାରୁ ୧୨ ବାଇକ, ୪ ପ୍ୟାକେଟ ତାସ ଓ ନଗଦ ୫ ହଜାର ଟଙ୍କା ମିଳିଥିଲା। ବାଇକ ଗୁଡ଼ିକୁ ଟ୍ରାକ୍ଟର ଯୋଗେ ତେନ୍ତୁଳିଖୁଣ୍ଟି ଥାନାକୁ ଅଣାଯାଇଥିଲା। ପରେ ପରିବହନ ବିଭାଗରେ ଗାଡ଼ି ପଞ୍ଜିକରଣ ସଂଖ୍ୟା ଅନୁସାରେ ସମସ୍ତ ବାଇକ ମାଲିକଙ୍କ ତଥ୍ୟ ବାହାର କରି ପୋଲିସ ୧୨ ଜଣଙ୍କୁ ଗିରଫ କରିଥିବା ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ କୁମାର ଗୁଡୁ କହିଛନ୍ତି। ଚଢ଼ାଉରେ ଥାନାଧିକାରୀ ପ୍ରଣବ ଗୁଡୁ, ଏସ୍‌ଆଇ ମହେଶ୍ୱର କିସାନ, ଆଦିତ୍ୟ ନାରାୟଣ ମଲ୍ଲିକ ଏବଂ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ। କେସ୍ ନଂ. ୨୦/୨୬ ରେ ପୋଲିସ ଏକ ମାମଲା ରୁଜୁ କରିଛି।


ଜବତ ବାଇକ୍, ସାମଗ୍ରୀ ସହ ଗିରଫ ଅଭିଯୁକ୍ତମାନେ।

# କ୍ଷତିଗ୍ରସ୍ତ ପରିବାରକୁ ସହାୟତା


ସହାୟତା ପାଇଥିବା ଗ୍ରାମବାସୀ ।

ମାଲକାନଗିରି,୨୦।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ରାଖାଲଗୁଡା ଗ୍ରାମର ଆଦିବାସୀ ମହିଳାଙ୍କ ହତ୍ୟାକୁ ନେଇ ଏମ୍.ଭି. ୨୬ ଗ୍ରାମରେ ପୋଡାଜଳା କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ପୋଲିସ ପ୍ରଶାସନ ପକ୍ଷରୁ ଏହି ଉତ୍ତେଜନାକୁ ପ୍ରଶମିତ କରାଯାଇ ୧୮ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ମାଲକାନଗିରିର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଅରବିନ୍ଦ ଢାଲି ଏମ୍‌ଭି ୨୬ ଗ୍ରାମରେ ପହଞ୍ଚି ପିଡିତଙ୍କ ପରିବାରକୁ ୧ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏଥିସହ ମୃତ ମହିଳା ଲାକେ ପଡିଆମିଙ୍କ ପୁଅ ରବି ପଡିଆମିଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ମୃତ ମହିଳା ଲାକେ ପଡ଼ିଆମିଙ୍କ ହତ୍ୟା ଘଟଣାର ତୁରନ୍ତ ସିବିଆଇ ତଦନ୍ତ ଦାବି କରିଛନ୍ତି। ମାଲକାନଗିରି ଏକ ଶାନ୍ତପ୍ରିୟ ଜିଲା, ଏଠାରେ ବହୁ ସମ୍ପ୍ରଦାୟ ବାସ କରୁଥିବାବେଳେ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ କରିଛନ୍ତି। ଆଗାମୀ ଦିନରେ ଯେପରି କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପ୍ରତି ପୋଲିସ ପ୍ରଶାସନ ଓ ସାଧାରଣ ଜନତା ଏକାଠି ହୋଇ ରହିବାକୁ ଅରବିନ୍ଦ ଢ଼ାଲି ପରାମର୍ଶ ଦେଇଥିଲେ।

# ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀଙ୍କ ମୃତ୍ୟୁ

ଜୟପୁର,୨୦।୧(ପବନ ପାଣିଗ୍ରାହୀ)

ଗତ ୧୫ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଚକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଜୟପୁର ସଦର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତ ଛାତ୍ରୀଙ୍କ ଦାଦା ପୋଲିସରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣଙ୍କ ନବରଙ୍ଗପୁର ଜିଲା ରାଇଘରର ଏକ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କ ଦେହରେ ଛଉ ହୋଇଥିବାରୁ କିଛିଦିନ ହେବ ତାଙ୍କ ସାଙ୍ଗସାଥୀ ଛାତ୍ରୀଙ୍କ ସହ ମିଶୁନଥିଲେ। ଯାହାକୁ ନେଇ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ୧୫ ତାରିଖରେ ସେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ କୋରାପୁଟର ଏକ ଘରୋଇ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କର ମୃତ୍ୟୁ ହୋଇଛି। ଅଭିଯୋଗ ଆଧାରରେ ଜୟପୁର ସଦର ପୋଲିସ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ ହୋଇଥିବା ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଦେଶ ଭକ୍ତି ଜାଗ୍ରତ କରୁଥିଲା ବନ୍ଦେ ମାତରମ୍



ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଜନସାଧାରଣ।

**ସାମୂହିକ ବନ୍ଦେ ମାତରମ୍ ଗାନ**

ଉମରକୋଟ, ୨୦।୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ମିନି ଷ୍ଟାଡିୟମରେ ପୌର ପରିଷଦ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ର ଗୀତ, ରାଷ୍ଟ୍ର ଭକ୍ତି ଉପରେ ମତ ଦେଇଥିଲେ। ବନ୍ଦେ ମାତରମ୍ କେବଳ ଗୀତ ନ ଥିଲା ଏହା ଥିଲା ଏକ ବିଚାର ଧାରା। ଏହା ସେ ସମୟରେ ସମସ୍ତଙ୍କ ଭିତରେ ଦେଶଭକ୍ତି ଜାଗ୍ରତ କରିଥିଲା। ଏହା ଇଂରେଜମାନଙ୍କ ଭିତରେ ଭୟ ସୃଷ୍ଟି କରିଥିଲା। କ୍ରାନ୍ତିକାରୀଙ୍କ ମନରେ ଦେଶ ଭକ୍ତି ସହ ସାହସ ଯୋଗାଉ ଥିଲା ବୋଲି ସେ କହିଛନ୍ତି। ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୌରାଧକ୍ଷା ରାଧା ଭତ୍ରା, ଭାଜପା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ଏମ୍‌ପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲା କ୍ରୀଡ଼ା ସଭାପତି ରାଜୀବ କୁମାର ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ, ଖବରଦାତା ନଳିନୀ ରଞ୍ଜନ ମିଶ୍ର, ଦୁର୍ଗାପ୍ରସାଦ ମଲିକଙ୍କ ସମେତ ଶତାଧିକ ବ୍ୟକ୍ତି, ୨ ହଜାରରୁ ଉର୍ଦ୍ଧ୍ୱ କଲେଜ ଓ ସ୍କୁଲ ଛାତ୍ରୀଛାତ୍ର ସାମୂହିକ ବନ୍ଦେ ମାତରମ୍ ଗାନ କରିଥିଲେ।

# ବାଇପାସ୍ ରାସ୍ତା ନିର୍ମାଣ ଦାବି

■ ଜାତୀୟ ରାଜପଥ ପାଇଁ ଭଙ୍ଗାଯିବ ବେଆଇନ ଷ୍ଟଲ, ଘର

■ ଜୀବିକା ହରାଇବା ଆଶଙ୍କାରେ ୨୦୦ ବ୍ୟବସାୟୀ

ପାପଡ଼ାହାଣ୍ଡି, ୨୦।୧( ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଏକ ବାଇପାସ୍ ରାସ୍ତା ନିର୍ମାଣ ନେଇ ମଙ୍ଗଳବାର ଗ୍ରାମବାସୀ ତହସିଲଦାର ତପନ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସହରର ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ହେଲେ ବହୁ ବ୍ୟବସାୟୀ ଓ ଘର କ୍ଷତି ହେବା ନେଇ ଅଭିଯୋଗ ହୋଇଛି। ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ତହସିଲଦାର କହିଛନ୍ତି ।

ପୂର୍ବରୁ ବରଗଡ଼ଠାରୁ ପାପଡ଼ାହାଣ୍ଡି ଦେଇ ବୋରିଗୁମ୍ମା ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୦୧ ରହିଥିଲା। ଜାତୀୟ ରାଜପଥ ୨୬ ଘୋଷଣା ପରେ ୧୦ ବର୍ଷ ତଳେ ଏନ୍‌ଏଚ୍ ନିର୍ମାଣ ଓ ରାସ୍ତା ପ୍ରଶସ୍ତୀକରଣ ପାଇଁ ପାପଡ଼ାହାଣ୍ଡିରେ ଦୁଇ ପାର୍ଶ୍ୱରେ ସରକାର ନିୟମ ଅନୁଯାୟୀ ଦୋକାନ ଷ୍ଟଲ ଓ ଘର ଭାଙ୍ଗି ଦିଆଯାଇଥିଲା। ଏହା ମଧ୍ୟରେ ସରକାରୀ ନିୟମ ଅନୁଯାୟୀ କିଛି ପରିବାର ସହାୟତା ରାଶି ମଧ୍ୟ ପାଇଥିଲେ। ବର୍ତ୍ତମାନ ଏହି ରାସ୍ତାକୁ ପୁଣି ପ୍ରଶସ୍ତୀକରଣ ପାଇଁ ଖବର ପ୍ରଚାରିତ ହେବା ପରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ରାସ୍ତା କଡ଼ରେ ଷ୍ଟଲ ନିର୍ମାଣ କରି ୨୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ପରିବାର ପ୍ରତିପୋଷଣ କରୁଛନ୍ତି। ବର୍ତ୍ତମାନ ରାସ୍ତା ପ୍ରଶସ୍ତୀକରଣ ପାଇ ଦୁଇ ପାର୍ଶ୍ୱ ଭଙ୍ଗାଗଲେ ଏହି ୨ଶହ ପରିବାର ବେରୋଜଗାର ହୋଇଯିବେ। ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇପଡ଼ିବ ବୋଲି ଦାବିପତ୍ରରେ ଉଲ୍ଲେଖ ହୋଇଛି। ପାପଡ଼ାହାଣ୍ଡିରୁ ନବରଙ୍ଗପୁର ଯିବା ରାସ୍ତାରେ ଜଙ୍ଗଲ ଜମି ରହିଛି। ପାପଡ଼ାହାଣ୍ଡି ମୁଖ୍ୟ ରାସ୍ତାକଡ଼ରେ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ରାସ୍ତାକଡ଼ରେ ୨ଟି ବିଦ୍ୟାଳୟ ଓ ପୁରୁଣା ଥାନା ରହିଛି। ରାସ୍ତା ପାର୍ଶ୍ୱରେ ଶ୍ରୀରାମ ମନ୍ଦିର, ବୁଢ଼ା ଚାଉରିଆ, ଦୁଆରମୁଣ୍ଡିଆଣୀ, କାଳୀ ମନ୍ଦିର ରହିଛି। ରାସ୍ତା ଓସାରିଆ ହେଲେ ଏହି ମନ୍ଦିର ମଧ ରାସ୍ତାକଡ଼ରୁ ହଟିଯିବ। ଏହାର ଥଇଥାନ ପାଇ ମଧ ପାପଡ଼ାହାଣ୍ଡିରେ ଜାଗା ମିଳିବା କଷ୍ଟକର ହୋଇ ପଡ଼ିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସମସ୍ୟା ସମାଧାନ ସହ ବାଇପାସ୍ ରାସ୍ତା ନିର୍ମାଣ ନେଇ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ପୂର୍ବତନ ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନ, ଶିବପ୍ରସାଦ ଅଗ୍ରୱାଲ, କିଷାନ ଅଗ୍ରୱାଲ, ସଞ୍ଜୀବ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଭି.ସୁରେଶ ରାଓ, ଏନ୍. ଜନାର୍ଦ୍ଦନ ରାଓ, ମହେନ୍ଦ୍ର ବିଷୋୟୀ, ବିଜୟ ବିଷୋୟୀ, ଶିବଶଙ୍କର ଜୈନ, କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

# ସେରୁବନ୍ଧ ବକ୍ସାଇଟ ପାହାଡ଼କୁ ସୁରକ୍ଷା ନେଇ ସଚେତନତା ପଦଯାତ୍ରା

ପଟ୍ଟାଙ୍ଗି,୨୦।୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ମାଳିପୁଟ ପଞ୍ଚାୟତ ମାଲକାରବନ୍ଧ ଗ୍ରାମରେ ସେରୁବନ୍ଧ ପର୍ବତ ସୁରକ୍ଷା ସମିତିର ଆହ୍ୱାନରେ ସେରୁବନ୍ଧ ବକ୍ସାଇଟ ପାହାଡ଼ ଚର୍ତୁପାର୍ଶ୍ୱର ଗ୍ରାମବାସୀ ଏକତ୍ର ହୋଇ ଜନସମ୍ପର୍କ ପଦଯାତ୍ରାରେ ମଙ୍ଗଳବାର ସାମିଲ ହୋଇଛନ୍ତି। ସୁରକ୍ଷା ସମିତି ପକ୍ଷରୁ ବିଭିନ୍ନ ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକ୍‌ର ୬ ପଞ୍ଚାୟତର ମୁଖିଆ ଓ ଗ୍ରାମର ମହିଳା,ପୁରୁଷ ମାଲକାରବନ୍ଧ ଗ୍ରାମରେ ଏକତ୍ର ହୋଇଥିଲେ। ଝାଙ୍ଗରଦେବତା ନିକଟରେ ପୂଜାର୍ଚ୍ଚନା କରି ଏକ ସଭା ଆୟୋଜନ କରି ଜନ ସମ୍ପର୍କ ପଦଯାତ୍ରାର ମୂଳ ଉଦ୍ଦେଶ୍ୟ ନେଇ ସୁରକ୍ଷା ସମିତି ପକ୍ଷରୁ ଗ୍ରାମବାସୀଙ୍କୁ ବୁଝାଇଥିଲେ। ସମସ୍ତ ଗ୍ରାମବାସୀଙ୍କୁ ନେଇ ଗ୍ରାମରୁ ପଦଯାତ୍ରା ଆରମ୍ଭ କରି ପୁରୁଣାପଦର, ମାଳିପୁଟ, ଚମ୍ପାଖେଦା, ସିପାଇପୁଟ, ପରଜା ସିପାଇପୁଟ ଓ ଏରାସାନ୍ତାଗୁଡା ଆଦି ଗ୍ରାମରେ ପହଞ୍ଚି ପେସା ଆଇନ ସମ୍ପର୍କରେ ବୁଝାଇଥିଲେ। ସେରୁବନ୍ଧ ପାହାଡ଼ ଚତୁପାର୍ଶ୍ୱରେ ଥିବା ୨ ବ୍ଲକର ୬ ପଞ୍ଚାୟତର ୮୬ ଗ୍ରାମବାସୀ ଏହି ସେରୁବନ୍ଧରୁ ଝରି ଆସୁଥିବା ୭୮ ଚିରସ୍ରୋତା ଝରଣା ପାଣିରେ ପଶୁପକ୍ଷୀ, ଔଷଧୀୟ ଓ ମୂଲ୍ୟବାନ ଗଛ ବଞ୍ଚୁଥିବା କୁହାଯାଇଛି। ଏଥିସହ ଆଦିବାସୀ ପରମ୍ପରା ଅନୁଯାୟୀ ପର୍ବରେ ଦେବୀଦେବଙ୍କୁ ପୂଜାର୍ଚ୍ଚନା କରି ରୀତିନୀତି ପାଳନ କରିଥାଉ ବୋଲି ସଚେତନ କରାଯାଇଥିଲା। ସୁରକ୍ଷା ସମିତି ପକ୍ଷରୁ ପ୍ରସ୍ତୁତ ହୋଇଥିବା ଲିପ୍‌ଲେଟକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ କୁହାଯାଇଥିଲା। ଏହି ପଦଯାତ୍ରା ପଟ୍ଟାଙ୍ଗି, ନୂଆଗାଁ ଓ କୋଟିଆ ଆଦି ପଞ୍ଚାୟତ ଓ ସେମିଳିଗୁଡା ବ୍ଲକର ଖୁଡି ଓ ଷୋରିଷପଦର ପଞ୍ଚାୟତର ଗ୍ରାମାଞ୍ଚଳରେ ୨୩ ତାରିଖ ସୁଦ୍ଧା ସଚେତନ କରିବା ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି। ୨୮ ତାରିଖରେ ନୂଆଗାଁ ପଞ୍ଚାୟତରେ ସମସ୍ତ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ନେଇ ସାଧାରଣ ସଭା କରାଯିବ ବୋଲି ସୁରକ୍ଷା ସମିତି ସଭାପତି ରବି ଖରା କହିଛନ୍ତି। ପଦଯାତ୍ରାରେ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଠା, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ନୂଆଗାଁ ସରପଞ୍ଚ ସୁବାଷ ଖରା, କୋରାପୁଟିଆ ଜନସୁରକ୍ଷା ସଭାପତି ଦାଶି ନନ୍ଦି ବାଲି, ବାଲଡ଼ା ନାଗେଶ୍ୱରୀ ଅଜୟ ମୁଦୁଲି, ବିଜୟ ମୁଦୁଲି, ହାଲ ବିସ୍ଥାପିତ ସଭାପତି ତ୍ରିଲୋଚନ ମୁଦୁଲି, ମାଳିପର୍ବତ ସଭାପତି ବିଜୟ ଖିଲ, ନିରଞ୍ଜନ ଖିଲ, କୋଡିଙ୍ଗା ମାଳି ପର୍ବତ କାହ୍ନୁଚରଣ କନ୍ଧପାନ, ଆୟୋଜକ ସୁରକ୍ଷା ସମିତିର ଭଗବାନ ଗଲରୀ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସେରୁବନ୍ଧ ପର୍ବତ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ ପଦଯାତ୍ରା କରୁଛନ୍ତି।

# ଭାରତୀୟ ଭାଷା, ପ୍ରାଯୁକ୍ତିକ ଶବ୍ଦାବଳୀ ନେଇ ଜାତୀୟ କର୍ମଶାଳା


କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

କୋରାପୁଟ,୨୦।୧(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ଭାରତ ସରକାରର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ଭାଷା ସମିତ ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ସୁନାବେଡ଼ା କ୍ୟାମ୍ପସ ପରିସରରେ ଭାରତୀୟ ଭାଷାମାନଙ୍କ ପାଇଁ ସମାନ ବୈଜ୍ଞାନିକ ଓ ପ୍ରାଯୁକ୍ତିକ ଶବ୍ଦାବଳୀ ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଭାରତୀୟ ଭାଷାମାନରେ ବୈଜ୍ଞାନିକ ପ୍ରାଯୁକ୍ତିକ ଶବ୍ଦାବଳୀ ପାଇଁ ଏକ ସାଧାରଣ ଓ ମାନକ ଢାଞ୍ଚା ଗଢ଼ିବା କର୍ମଶାଳାର ମୂଳ ଲକ୍ଷ୍ୟ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସତ୍ୟନାରାୟଣ ପଣ୍ଡା, ଦାମନଯୋଡ଼ି ନାଲକୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ, ମହାପ୍ରବନ୍ଧକ(ଏଚ୍‌ଆର) ଏସ୍.ବସୁ, ହାଲ ମହାପ୍ରବନ୍ଧକ(ଡିଜାଇନ) ଏ.ଚକ୍ରଧର, ବିଶ୍ୱବିଦ୍ୟାଳୟ ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ସୁନାବେଡ଼ା କଲେଜ ଅଧ୍ୟକ୍ଷା ଡା.ଉଷାରାଣୀ ଦାସ ମଞ୍ଚାସୀନ ଥିଲେ। ହିନ୍ଦୀକୁ ବ୍ୟାପକ ପ୍ରଚଳିତ ଭାଷା ଏବଂ ଓଡ଼ିଆକୁ ସମୃଦ୍ଧ ସାଂସ୍କୃତିକ ଅଭିବ୍ୟକ୍ତିର ସଶକ୍ତ ମାଧ୍ୟମ ବୋଲି କାର୍ଯ୍ୟନିର୍ବାହୀ ସାମଲ କହିଥିଲେ। ବିଜ୍ଞାନ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଭାଷାମାନଙ୍କୁ ସମୃଦ୍ଧ କରିବା ଆବଶ୍ୟକତା ଥିବା ପ୍ରଫେସର ପଣ୍ଡା କହିଥିଲେ। ଡା. ମନୋଜ କୁମାର ସିଂହ ସଭା ପରିଚାଳନା କରିଥିଲେ। ସମନ୍ୱୟକ ଡା.ଶ୍ରୀକାନ୍ତ ଆରାଲେ ଧନ୍ୟବାଦ ଦେଇଥିଲେ। ଉଦଯାପନୀରେ ସଂସ୍କୃତ, ଓଡ଼ିଆ ଓ ହିନ୍ଦୀ ପାଇଁ ଯୁକ୍ତ ଶବ୍ଦସୂଚୀ ପ୍ରସ୍ତୁତି, ଭାଷା ମାନକୀକରଣ ଓ ଅନୁବାଦ ଚ୍ୟାଲେଞ୍ଜ ଉପରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜିଲାର ୧୭ ଥାନାଧିକାରୀଙ୍କ ଅଦଳବଦଳ

ନନ୍ଦପୁର,୨୦।୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ଏସ୍‌ପି ଜିଲାର ୧୭ ଥାନାଧିକାରୀଙ୍କ ଅଦଳ ବଦଳ କରିଛନ୍ତି। କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୦୮/ଇ ତା.୧୯।୧।୨୦୨୬ରେ ନନ୍ଦପୁର ଥାନାଧିକାରୀ ମମତା ପଣ୍ଡାଙ୍କୁ ନାରାୟଣପାଟଣା ଥାନା ଓ ଜିଲା ପୋଲିସ ହେଡକ୍ୱାର୍ଟରରେ କାର୍ଯ୍ୟରତ ତ୍ରିନାଥ ତୋଟାପାଡ଼ିଆଙ୍କୁ ନନ୍ଦପୁର ଥାନାକୁ ବଦଳି କରିଛନ୍ତି। ଇନ୍ସପେକ୍ଟର ରମାନନ୍ଦ ସାହୁଙ୍କୁ ବୋରିଗୁମା ଥାନା, ଶ୍ୱେତାପଦ୍ମା ସେଠଙ୍କୁ ଜିଲା ପୋଲିସ ହେଡକ୍ୱାର୍ଟରେ, ଗୁନା ପିଡ଼ିକାଙ୍କୁ ପାଡୁଆ ଥାନା(ଅତିରିକ୍ତ ଆଇଆଇସି), କୁଳମଣି ବୁଡୁଦାଙ୍କୁ ମାଛକୁଣ୍ଡ ଥାନା, ମଧୁସୁଦନ ଭୋଇଙ୍କୁ କୋଟିଆ ଥାନା, ଫକିର ମୋହନ ଖରାଙ୍କୁ କୋଟପାଡ଼ ଥାନା, ଚରଣ ସିଂ ମାଝିଙ୍କୁ ଦଶମନ୍ତପୁର ଥାନା, ସୁକୁମା ହାଂସଦାଙ୍କୁ ପୋଲିସ ହେଡକ୍ୱାର୍ଟରେ, ସିନ୍ଧୁ ସାରକାଙ୍କୁ ବନ୍ଧୁଗାଁ ଥାନା, ପରମାନନ୍ଦ ସୁନାନିଙ୍କୁ ଦାମନଯୋଡି ଥାନା, ସୁଲୋଚନା ପ୍ରଧାନଙ୍କୁ କାକିରିଗୁମା ଥାନା, ପୂର୍ଣ୍ଣିମା ତୀର୍କେଙ୍କୁ ସେମିଳିଗୁଡା ଥାନା(ଅତିରିକ୍ତ ଆଇଆଇସି), ପ୍ରମିଳା ବିଡ଼ିକାଙ୍କୁ ଡିଆଇବି କୋରାପୁଟ, ପ୍ରସନ୍ନ କୁମାର ବିଡିକାଙ୍କୁ ଏଚଆରପିସି କୋରାପୁଟ ଓ ନାରାୟଣପାଟଣା ଥାନା ଅଧିକାରୀ ପ୍ରମୋଦ କୁମାର ବିଡିକାଙ୍କୁ କୋରାପୁଟ ସାଇବର ଥାନାକୁ ବଦଳି କରାଯାଇଥିବା ସୂଚନା ମିଳିଛି। ସମସ୍ତ ଅଧିକାରୀ ୨୧।୧।୨୦୨୬ସୁଦ୍ଧା ନୂତନ କାର୍ଯ୍ୟକ୍ଷେତ୍ରରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୧,୨ ନଂ. ପ୍ଲାଟ୍‌ଫର୍ମରେ ଯାତ୍ରୀବାହୀ ଟ୍ରେନ୍ ରହଣି ଦାବି

କୋରାପୁଟ,୨୦।୧(ଅମିତାଭ ବେହେରା)

## ବିପଦସଙ୍କୁଳ ଭାବେ ଟ୍ରାକ୍‌ରେ ଯାତ୍ରାୟାତ କରୁଛନ୍ତି ଯାତ୍ରୀ

କୋରାପୁଟ ରେଲୱେ ଷ୍ଟେଶନର ୧ ଓ ୨ ନମ୍ବର ପ୍ଲାଟ୍‌ଫର୍ମରେ ମାଲବାହୀ ଟ୍ରେନ୍ ଓ ୪ ଓ ୫ ନମ୍ବର ପ୍ଲାଟ୍‌ଫର୍ମରେ ଯାତ୍ରୀବାହୀ ଟ୍ରେନ୍ ଅଟକୁଛି। ଯାତ୍ରୀମାନେ ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟକୁ ଯିବା ପାଇଁ ବିପଦସଙ୍କୁଳ ଭାବେ ଟ୍ରାକ୍ ପାର ହୋଇ ଯାତାୟାତ କରୁଛନ୍ତି। ୧ ଓ ୨ ନମ୍ବର ପ୍ଲାଟ୍‌ଫର୍ମରେ ଯାତ୍ରୀବାହୀ ଟ୍ରେନ୍ ରହଣି ଦାବି ହୋଇ ଆସୁଛି। କୋରାପୁଟ ଜିଲା ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ ହେବା ସହ ଏଠାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଦୈନିକ କୋରାପୁଟକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ବ୍ୟବସାୟୀ ଓ ପର୍ଯ୍ୟଟକ ଟ୍ରେନ୍ ଯୋଗେ ଆସୁଛନ୍ତି। ଟ୍ରେନ୍‌ର ସୁବିଧା ଥିବାରୁ ସମସ୍ତେ ଟ୍ରେନ୍ ଉପରେ ନିର୍ଭର କରୁଛନ୍ତି। କୋରାପୁଟ ରେଲୱେ ଜଙ୍କସନ ହୋଇଥିବାରୁ ପଡୋଶୀ ଆନ୍ଧ୍ର ଓ ଛତିଶଗଡ଼କୁ ଏହି ଷ୍ଟେଶନରୁ ସଂଯୋଗ କରୁଛି। ରେଲୱେ ଷ୍ଟେଶନର ୧ ଓ ୨ ନମ୍ବର ପ୍ଲାଟ୍‌ଫର୍ମରେ ମାଲବାହୀ ଟ୍ରେନ୍ ଲାଗୁଥିବା ବେଳେ ୪ ଓ ୫ ନମ୍ବର ପ୍ଲାଟ୍‌ଫର୍ମରେ ଯାତ୍ରୀବାହୀ ଟ୍ରେନ୍ ଲାଗୁଛି। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନେ ଶିଡ଼ିରେ ଚଢ଼ି ଫୁଟ ଓଭର ବ୍ରିଜ୍ ଦେଇ ଆସିବା ସମ୍ଭବପର ହେଉ ନ ଥିବାରୁ ଯାତ୍ରୀମାନେ ବିପଦସଂକୁଳ ଭାବେ ଟ୍ରେନ ଟ୍ରାକ୍ ଦେଇ ପ୍ଲାଟ୍‌ଫର୍ମ ବାହାରକୁ ଯାଉଥିବା ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟଟକ ମାମାଲି ପରିଜା କହିଛନ୍ତି। ୧ ଓ ୨ ନମ୍ବର ପ୍ଲାଟ୍‌ଫର୍ମରେ ଯାତ୍ରୀବାହୀ ଟ୍ରେନ୍ ରହଣି ପାଇଁ ଯାତ୍ରୀ ରାଜଶ୍ରୀ ମହାପାତ୍ର, ଅଶ୍ୱିନୀ କୁମାର ମାନେ ଦାବି କରିଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଲଗେଜ ବୋହି ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭିନ୍ନକ୍ଷମ ଓ ବରିଷ୍ଠ ଯାତ୍ରୀଙ୍କ ୪ ଓ ୫ ନମ୍ବର ପ୍ଲାଟ୍‌ଫର୍ମକୁ ଯିବାକୁ କୌଣସି ସୁବିଧା ନାହିଁ। ୪ ଓ ୫ ନମ୍ବର ପ୍ଲାଟ୍‌ଫର୍ମରେ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ନେଇ ରେଲୱେ ଅଧିକାରୀଙ୍କ ସହ ପ୍ଲାଟ୍‌ଫର୍ମ ୧ ଓ ୨ରେ ଯାତ୍ରୀବାହୀ ଟ୍ରେନ ଅଟକିବାକୁ ନେଇ ଆଲୋଚନା କରିବେ ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି। କୋରାପୁଟ ରେଲୱେ ଷ୍ଟେଶନ ମ୍ୟାନେଜର ବଳରାମ ମୁଦୁଲିଙ୍କୁ ପଚାରିବାରୁ ଯାନ୍ତ୍ରିକ କାରଣରୁ ହୀରାଖଣ୍ଡ ଓ ଯାତ୍ରୀବାହୀ ଟ୍ରେନ୍ ପ୍ଲାଟ୍‌ଫର୍ମ ୧ ରହିବା ସମ୍ଭବ ନୁହେଁ ବୋଲି କହିଛନ୍ତି।


ଲୋକେ ରେଲ୍‌ୱେ ଟ୍ରାକ ପାର ହୋଇ ଯାତାୟାତ କରୁଛନ୍ତି ।

# ଦେଶଭକ୍ତି ଜାଗରଣ କରି ସମାଜକୁ ଯୋଡ଼ିବାକୁ ଆହ୍ୱାନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସୁନାବେଡା,୨୦।୧(କୃତ୍ତିବାସ ପ୍ରଧାନ)

## ହିନ୍ଦୁ ସମ୍ମିଳନୀ

ସୁନାବେଡ଼ା ହିନ୍ଦୁ ଜାଗରଣ ସମିତି ନଗର ପକ୍ଷରୁ ସମଗ୍ର ହିନ୍ଦୁ ସମାଜର ହିନ୍ଦୁ ସମ୍ମିଳନୀ ହାଲ୍ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଲକ୍ଷ୍ମୀମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେମିଳିଗୁଡ଼ା ଓ ସୁନାବେଡ଼ା ଅଞ୍ଚଳର ସହସ୍ରାଧିକ ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆରମ୍ଭରେ ସାମୁହିକ ଦୀପ ପ୍ରଜ୍ୱଳନ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ସମ୍ମିଳନୀରେ ପ୍ରମୁଖ ବକ୍ତା ଅଖିଳ ଭାରତୀୟ ସହ ପ୍ରଚାର ପ୍ରମୁଖ ପ୍ରଦୀପ ଯୋଶୀ ଯୋଗଦେଇଥିଲେ। ହିନ୍ଦୁ ଜାଗରଣ ଦିଗକୁ ନୂତନ ଶକ୍ତି ଚେତନା ପ୍ରଦାନ କରିବାକୁ ସନାତନ ସଂସ୍କୃତି, ଧର୍ମ ଓ ସାମାଜିକ ଏକତା ନେଇ ଆଲୋକପାତ କରିଥିଲେ। ଦେଶ ଭକ୍ତି ଜାଗରଣ କରି ସମାଜକୁ ଯୋଡିବା, ଏକତା ଜାଗ୍ରତ କରିବା ନେଇ ବୁଝାଇଥିଲେ। ହିନ୍ଦୁ ଜାଗରଣ ସମିତି ସଭାପତି ମାନସ ଦାସ, ସମ୍ପାଦକ ମୋହନ ସାହୁ ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ପିଏମ୍‌ଶ୍ରୀ କୁଇଜ୍ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

କୋରାପୁଟ,୨୦।୧(ଅମିତାଭ ବେହେରା)

କୋରାପୁଟସ୍ଥିତ ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ ଜିଲାସ୍ତରୀୟ ପିଏମ୍‌ଶ୍ରୀ କୁଇଜ୍ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। କୋରାପୁଟ ସମଗ୍ର ଶିକ୍ଷା ଆନୁକୁଲ୍ୟରେ ଜିଲାର ପ୍ରଥମ ପର୍ଯ୍ୟାୟର ୧୯ ଟି ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟରୁ ୩୮ ଜଣ ଛାତ୍ରଛାତ୍ରୀ ଏବଂ ୧୯ ଜଣ ଗାଇଡ ଶିକ୍ଷକ ଯୋଗ ଦେଇଥିଲେ।କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ତିନି ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ପୁରସ୍କୃତ କରିଥିଲେ। ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବର୍ଗୋତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହରେକୃଷ୍ଣ ମହାରଣା, ସୁଧୀର ଦାସ, ଭଗବାନ ଦାସ ଓ ଆଦିତ୍ୟ ପାଢ଼ୀ ବିଚାରକ ଥିଲେ। କନିଷ୍ଠ ବିଭାଗରେ କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୋନାଲି ବିଶାଳ ପ୍ରଥମ, ବରିଷ୍ଠ ବିଭାଗରେ କୋଟପାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ମାନସ ସରାବୁ ପ୍ରଥମ ହୋଇଛନ୍ତି। କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ କୁମାର ପାତ୍ର,ସୁବୋଧ ମାଝି,ହର ମିଶ୍ର ଓ ତ୍ରିଲୋକେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କୋଟପାଡ଼ କଲେଜର ବାର୍ଷିକ ଉତ୍ସବ

କୋଟପାଡ଼,୨୦।୧ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ମହାବିଦ୍ୟାଳୟ ପରିସରରେ ୪୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, ଡ. ବିଜୟ ମିଶ୍ର, ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା, ଚନ୍ଦ୍ରଶେଖର ଦାସ, କଲେଜ ଅଧ୍ୟକ୍ଷ ଡ. ଶେଷାନନ୍ଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ନିରବଚ୍ଛିନ୍ନ ଶିକ୍ଷା ପ୍ରଦାନ କରିଥିବା ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ ଭୋଟ, ସୁରେଶ ବେହେରା, ବିଜୟ ମିଶ୍ର, ସୁଧାଂଶୁ,ଦାସ, ହେମଲତା ଆଚାର୍ଯ୍ୟ, ଅନ୍ତର୍ଯାମୀ ସାହୁ ଓ ଯୁଗଳ ସାହୁଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅଧ୍ୟାପକ ଆକାଶ କୁମାର ପତି ବିବରଣୀ ପାଠ କରିଥିଲେ। ପ୍ରତି ଅନୁଷ୍ଠାନରେ ଆଗକୁ ଉନ୍ନତିମୂଳକ ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିବା ମନ୍ତ୍ରୀ ଗଣ୍ଡ କହିଛନ୍ତି। ଛାତ୍ରୀଛାତ୍ରଙ୍କ ଆବାସିକ ହଷ୍ଟେଲ ନିର୍ମାଣ ପାଇଁ ୭ କୋଟି ଟଙ୍କା ଅନୁଦାନ ଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସମୟକୁ ଦୁରୁପଯୋଗ ନ କରି ସଦ୍ ଉପଯୋଗ କଲେ ଶିଖର ଛୁଇଁହେବ ବୋଲି ଅତିଥି କହିଥିଲେ। ଅଧ୍ୟାପିକା ମାଳବିକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ।

# ମହିଳା ନିଖୋଜ ନେଇ ଥାନାରେ ଏତଲା

ନନ୍ଦପୁର,୨୦।୧(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଘାଗଡାପଣ୍ଡି ଗ୍ରାମର ଚନ୍ଦ୍ରମା ଖିଲ(୩୭) ନାମକ ଜଣେ ମହିଳା ନିଖୋଜ ଥିବା ନେଇ ସ୍ୱାମୀ ଅର୍ଜୁନ ହନ୍ତାଳ ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଥାନା ନିଖୋଜ ମାମଲା ୧/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଚନ୍ଦ୍ରମା ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରାଇସିଂ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଏଏନ୍‌ଏମ୍ ଭାବେ କାର୍ଯ୍ୟରତ ଥିଲେ। ସୂଚନାନୁଯାୟୀ, ସୋମବାର ସ୍ୱାମୀ ସ୍ତ୍ରୀ ବାଇକ୍ ଯୋଗେ ନନ୍ଦପୁର ଆସିଥିଲେ। ଅର୍ଜୁନ ସ୍ତ୍ରୀଙ୍କୁ ଛାଡି ଏଲ୍‌ଆଇସି ଟଙ୍କା ଡିପୋଜିଟ କରିବାକୁ ସେମିଳିଗୁଡା ଯାଇଥିଲେ। ନନ୍ଦପୁର ଫେରି ଚନ୍ଦ୍ରମାଙ୍କୁ ଫୋନ କରିବାରୁ ସେ ଘରକୁ ଫେରି ଆସିଥିବା ଓ ତମେ ଆସ କହି ଫୋନ କାଟି ଦେଇଥିଲେ। ଅର୍ଜୁନ ଘରକୁ ଯାଇ ଦେଖିବାରୁ ଚନ୍ଦ୍ରମା ଘରେ ନ ଥିବା ଓ ତାଙ୍କ ଫୋନ ସୁଇଚ୍ ଅଫ ଥିବା ଜାଣିଥିଲେ। ସୋମନଙ୍କ ୨ ସନ୍ତାନ ଅଛନ୍ତି।

# ଭାଜପାର ସାଙ୍ଗଠନିକ ବୈଠକ

କୋରାପୁଟ,୨୦।୧(ଅମିତାଭ ବେହେରା)

ପଞ୍ଚାୟତ ନିର୍ବାଚନକୁ ନେଇ ଭାଜପାର ସାଙ୍ଗଠନିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଦଳ ପକ୍ଷରୁ ଏକ ମଙ୍ଗଳବାର ବୈଠକ ଅନୁଷ୍ଠିତ ହୋଇଛି। ଭାଜପା ଜିଲା ସଭାପତି ଶିବ ମୁଦୁଲିଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଉପସଭାପତି ତଥା କୋରାପୁଟ ଜିଲା ପ୍ରଭାରୀ ଭବେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦଳକୁ ପଞ୍ଚାୟତ ସ୍ତରରେ ଅଧିକ ଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଛି। ସରକାରଙ୍କ ଯୋଜନା ଜନତାଙ୍କ ନିକଟରେ ପହଞ୍ଚାଇବା, ଦାଦନ ଶ୍ରମିକ ରୋକିବା, ସ୍ୱଚ୍ଛ ଶାସନ ନେଇ ସଚେତନା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଲୋକଙ୍କ ବିକାଶ ଦିଗରେ ଭିବିଜି ରାମଜି ଯୋଜନା ପ୍ରଣୟନ କରିଥିବା ନେଇ ଦଳୀୟ କର୍ମୀଙ୍କୁ ସୂଚନା ଦିଆଯିବା ସହ ଅଣାଯାଇଥିବା ଭିବିଜି ରାମଜି ଯୋଜନାର ସ୍ୱଚ୍ଛତା ଓ ଉପକାରିତା ନେଇ ଆଲୋଚନା କରାଯାଇଥିଲା। ପଞ୍ଚାୟତସ୍ତରରେ ଲୋକଙ୍କୁ ଭାଜପାର ଆଭିମୁଖ୍ୟ ଓ ଜନହିତକର ଯୋଜନାଗୁଡିକ ନେଇ ଆକୃଷ୍ଟ କରିବାକୁ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ବିଧାୟକ ରଘୁରାମ ମାଛ, ଏମ୍‌ପି ପ୍ରାର୍ଥୀ କାଳୀରାମ ମାଝୀ, ଜୟପୁର ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ, ସମସ୍ତ ମଣ୍ଡଳର ସଭାପତି ଓ କର୍ମୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଭାଜପାର ନେତା ଓ କର୍ମୀମାନେ ।

# ପ୍ରୋତ୍ସାହନ ଅଭାବରୁ ଲୋପପାଉଛି କାଜୁ ଚାଷ

ନନ୍ଦପୁର,୨୦।୧(ତୁଷାର କାନ୍ତ ମହାନ୍ତି)

## କାଜୁ ନିଗମରେ କର୍ମଚାରୀ ଅଭାବ

କୋରାପୁଟ ଜିଲାର ନନ୍ଦପୁର ଓ ଲମତାପୁଟ ବ୍ଲକ ଅଞ୍ଚଳରେ କାଜୁ ଚାଷ ଲୋକଙ୍କ ପାଇଁ ଆୟର ଉତ୍ସ ଥିଲା। ପାହାଡ଼ଗୁଡ଼ିକର ମୃତ୍ତିକା ସଂରକ୍ଷଣ, ଭୂସ୍ଖଳନ ରୋକିବାରେ କାଜୁ ଜଙ୍ଗଲ ମୁଖ୍ୟ ସାଧନ ଥିଲା। କିନ୍ତୁ ଦିନକୁ ଦିନ କାଜୁ ଚାଷ କମିବାରେ ଲାଗିଛି। ରାଜ୍ୟ ଓ ଜିଲା ପ୍ରଶାସନର ଅଣଦେଖା ଯୋଗୁ କାଜୁ ଚାଷ ଲୋପ ପାଉଥିବା ଅଭିଯୋଗ ହୋଇଛି। ସରକାର କୋରାପୁଟ ସମେତ ରାଜ୍ୟରେ କାଜୁ ଚାଷକୁ ପ୍ରୋତ୍ସାହନ ଦେବାକୁ ମୃତ୍ତିକା ସଂରକ୍ଷଣ ବିଭାଗର ଅଧୀନ କାଜୁ ଜଙ୍ଗଲଗୁଡ଼ିକୁ ନେଇ ସ୍ୱତନ୍ତ୍ର (ଓଏସସିଡିସି) କାଜୁ ନିଗମ ଗଠନ କରିଥିଲେ। କିନ୍ତୁ ନିଗମ ପ୍ରତି ଉଦାସୀନତା ମନୋଭାବ ପ୍ରଦର୍ଶନ କରି ନୂତନ କାଜୁ ଜଙ୍ଗଲ ସୃଷ୍ଟି, ପୁରୁଣା ଜଙ୍ଗଲର ଦେଖରେଖ, ନିଗମ ପରିଚାଳନା ପାଇଁ କର୍ମଚାରୀ ନିଯୁକ୍ତି ପ୍ରତି ଅଣଦେଖା ହେଉଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲାର କାଜୁ ଜଙ୍ଗଲ ସମେତ ନିଗମ କାର୍ଯ୍ୟାଳୟରେ ଏହା ଦେଖିବାକୁ ମିଳିଛି। ନିଗମ କାର୍ଯ୍ୟାଳୟରେ ଜିଲାସ୍ତରୀୟ କୌଣସି ଅଧିକାରୀ ନାହାଁନ୍ତି। ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦାୟିତ୍ୱରେ ନିଗମ କାର୍ଯ୍ୟାଳୟ ଚାଲିଛି। ନନ୍ଦପୁର ବ୍ଲକର ୪୦ ପୁରୁଣା କାଜୁ ଜଙ୍ଗଲ ଓ ନୂତନ କାଜୁ ଗଛରୋପଣ ହେଉଥିବା ଗୋଟିଏ କ୍ଷେତ୍ରର ପରିଚାଳନା ଜଣେ ମାତ୍ର ପ୍ଲାଣ୍ଟେସନ ଆଟେଣ୍ଡାଣ୍ଟଙ୍କ ଜିମାରେ ରହିଛି। ଦଶମନ୍ତପୁର ବ୍ଲକରେ ଜଣେ ଓ ଜୟପୁର ବ୍ଲକରେ ୨ଜଣ ପ୍ଲାଣ୍ଟେସନ ଆଟେଣ୍ଡାଣ୍ଟ ଜିମାରେ ଜିଲାର ୬୪୨୬ ହେକ୍ଟର ଜମିର ୧୨୧ ପୁରୁଣା କାଜୁ ଜଙ୍ଗଲ ଓ ୧୨୦ ହେକ୍ଟର ଜମିରେ ନୂତନ ଭାବେ ସୃଷ୍ଟି କରାଯାଉଥିବା କାଜୁ ଜଙ୍ଗଲର ଦେଖରେଖ ଦାୟିତ୍ୱ ନିର୍ବାହ କରୁଥିବା ସୂଚନା ମିଳିଛି। ପୁରୁଣା କାଜୁ ଗଛଗୁଡ଼ିକର ଦେଖରେଖ ଅଭାବ, କାଜୁ ଗଛର ଅବାଧ କଟା, ଜଙ୍ଗଲରେ ଅବାଧ ପ୍ରବେଶ, କଞ୍ଚିରୁ ତୋଳି କଞ୍ଚା କାଜୁ ମଞ୍ଜି ସହର ବଜାରରେ ବହୁଳ ବିକ୍ରି ହେଉଛି।

ସୂଚନାନୁଯାୟୀ, ୧୯୬୦ରେ ରାଜ୍ୟ ଓ ଜିଲା ପ୍ରଶାସନର ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଲୋକଙ୍କୁ ନିଯୁକ୍ତି, ମୃତ୍ତିକା ସଂରକ୍ଷଣ ସହ ରୋଜଗାର ଯୋଗାଇ ଦେବାକୁ କାଜୁ ଜଙ୍ଗଲ ସୃଷ୍ଟି କରାଯାଇଥିଲା।



ନନ୍ଦପୁର ବ୍ଲକ ଅଞ୍ଚଳରେ ଶହେରୁ ଉର୍ଦ୍ଧ୍ୱ, ଲମତାପୁଟ ବ୍ଲକ ଅଞ୍ଚଳରେ ୧୫୦ରୁ ଉର୍ଦ୍ଧ୍ୱ କାଜୁ ଜଙ୍ଗଲ ସୃଷ୍ଟି ହୋଇଥିଲା। ଗ୍ରାମବାସୀ କାଜୁ ଜଙ୍ଗଲ ନିଲାମ ନେଇ ମଞ୍ଜିକୁ ତୋଳି ଶୁଖାଇ ବିକ୍ରି କରି ଲାଭବାନ ହେଉଥିଲେ। କାଜୁ ଜଙ୍ଗଲ ଗୋ–ସମ୍ପଦଙ୍କ ପାଇଁ ଚରାଭୂଇଁ ଥିବା ବେଳେ ଭୂତଳ ଜଳ ସଂଗ୍ରହ ପାଇଁ ଗୁରୁଦାୟିତ୍ୱ ନିର୍ବାହ କରୁଥିଲା। ପରେ କିଛି ଜଙ୍ଗଲ ସାମାଜିକ ବନୀକରଣ ଯୋଜନାରେ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲେ। ନନ୍ଦପୁର ବ୍ଲକର ୪୦ ଓ ଲମତାପୁଟ ବ୍ଲକର ୭୦, ଜିଲାର ଅନ୍ୟ ସ୍ଥାନର ୯ ଜଙ୍ଗଲ, ରାୟଗଡ଼ା ଜିଲାର ୮, ନବରଙ୍ଗପୁର ଓ କଳାହାଣ୍ଡି ଜିଲାର ଗୋଟିଏ ଲେଖାଏ ମୋଟ ୧୨୯ ଜଙ୍ଗଲର ଦେଖରେଖ ଦାୟିତ୍ୱ ଦିଆଯାଇ ନିଗମର ସୁପରିଚାଳନା ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଏଥିଯୋଗୁ କାଜୁ ଜଙ୍ଗଲ ନଷ୍ଟ ହେଉଛି। ନିଗମ କାଜୁ ଜଙ୍ଗଲ ନିଲାମ କରିବା ଓ ସେଥିରୁ ଅର୍ଥ ଅଧାୟରେ ବିଫଳ ହୋଇଛି। ବାୟସାଧିକ କାରଣରୁ ପୂର୍ବ ଜଙ୍ଗଲର ବୃକ୍ଷଗୁଡ଼ିକରେ ଆଉ ଫଳ ଆସୁନି। ଲୋକେ ଜାଳେଣି ପାଇଁ ଗଛ କାଟି ନଷ୍ଟ କରୁଛନ୍ତି। କେତେକ ଲୋକେ ଗଛରେ ଫଳ ଆସିବା ମାତ୍ରେ କଞ୍ଚିରୁ ମଞ୍ଜି ତୋଳି କଞ୍ଚା ମଞ୍ଜି ବଜାରରେ ବିକ୍ରି କରୁଛନ୍ତି। କାଜୁର ବଜାର ଦର କିଲୋ ପିଛା ୮ଶହରୁ ହଜାରେ ଥିବା ବେଳେ ଜିଲା ଓ ରାଜ୍ୟ ପ୍ରଶାସନ ଓ କାଜୁ ନିଗମ ଏହି ଅର୍ଥକାରୀ ଫସଲର ସୁରକ୍ଷା ବଦଳରେ ବିନାଶ କରୁଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଜିଲା ଆରକେଭିଓୱାଇ ଏଏଚଓ ପୁରଞ୍ଜୟ ପାଣିଗ୍ରାହୀଙ୍କୁ ପଚାରିବାରୁ ଲୋକଙ୍କ ଅଭିଯୋଗରେ ସତ୍ୟତା ଥିବା କହିଛନ୍ତି। ଜିଲାରେ ନିଗମର କର୍ମଚାରୀ ଓ ପାଣ୍ଠିର ଅଭାବ ରହିଛି। ଜଳବାୟୁ ବଦଳିଛି। ପୁରୁଣା କାଜୁ ଜଙ୍ଗଲରେ ଥିବା ଗଛଗୁଡ଼ିକର ବାୟସାଧିକ ଯୋଗୁ ଫୁଲ ଓ ଫଳର ପରିମାଣ କମୁଛି। ଲୋକେ ଜଙ୍ଗଲ ନିଲାମ ନେଇ ଫଳ ସଂଗ୍ରହ କରିବା ପରିବର୍ତ୍ତେ ଗଛ କାଟି ନଷ୍ଟ କରୁଛନ୍ତି। ନୂତନ କାଜୁ ଗଛ ରୋପଣ କରି ପୁରୁଣା ଓ କାଜୁ ଜଙ୍ଗଲର ସୃଷ୍ଟି କରିବାକୁ ଜିଲାପାଳ ଓ ରାଜ୍ୟ(ଓଏସସିଡିସି) କାଜୁନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ସେ କହିଛନ୍ତି।

